ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୪ ସେପ୍ଟେମ୍ବର, ୨୦୨୦



## ବାର୍ଦ୍ଧକ୍ୟଭତ୍ତା ପାଇବାରୁ ବଞ୍ଚିତ ୧୦ ବୃଦ୍ଧାବୃଦ୍ଧ

କର୍ଲାମୁଣ୍ଡା,(ଡି.ଏନ.ଏ.) :କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡ଼ବ୍ରା ପଞ୍ଚାୟତ ଅନ୍ତର୍ଗତ ଟେର୍ଢାପଲା ଗାଁରେ ବହୁ ବୃଦ୍ଧାବୃଦ୍ଧ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଗାଁର ଆଲ ମାଝି(୬୫), ନନ୍ଦିକିଶୋର ମାଝି (୬୨), ଦୁଃଶିଲା ମାଝି(୬୦), ବିଜାର ମାଝି (୬୫), ଗିରିଜା କୁମାର (୬୩), ଫକୀର ମାଝି (୬୫), ବିରାଟ ଜାଲ (୬୫), ପଙ୍କଜ ମାଝି(୬୨), ଘରମଣି ଜାଲ(୬୨), କୁମାରୀ ବାଗ (୬୫) ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଏକାଧିକ ଥର ଆବେଦନ କଲେ ମଧ ସେମାନଙ୍କୁ ଭତ୍ତା ମିଳୁନାହିଁ। ଏଥିପ୍ରତି ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବାକୁ ଗ୍ରାମ ବିକାଶ କମିଟି ସମ୍ପାଦକ ନନ୍ଦିକିଶୋର ମାଝି ଦାବି କରିଛନ୍ତି।

# ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ୩ ଭଉଣୀ

■ମା’ ପରେ ଏବେ ବାପାଙ୍କ ମୃତ୍ୟୁ
■ସାହାରା ପାଲଟିଛନ୍ତି ଜେଜେମା, ଜେଜେ ବାପା

କୁନାଗଡ,୩୧୯(ଡି.ଏନ୍.ଏ.)

୫ମାସ ତଳେ ଛୋଟ ଭଉଣୀକୁ ଜନ୍ମଦେଇ ମା’ ମରିଗଲେ। ବାପା ଆମକୁ ଦୁଃଖକଷ୍ଟରେ ପାଳିଲେ। ହେଲେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ୧୮ ଦିନ ତଳେ ସେ ବି ଆରପାରିକୁ ଚାଲିଗଲେ। ଏବେ ଆମେ ମା’ବାପଛେଉଣ୍ଡ ହୋଇଯାଇଛୁ। ବୃଦ୍ଧା ଜେଜେମା, ଜେଜେବାପା ଆମ ସାହାରା। ଆମ ଭବିଷ୍ୟତ ଅନ୍ଧକାର ହେବାକୁ ଯାଉଛି। ଏପରି କୋହଭରା କଣ୍ଠରେ କହିଛନ୍ତି କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ଼ ଗ୍ରାମର ପ୍ରମିଳା ନାଏକ(୧୩) ଓ ତାଙ୍କ ଭଉଣୀ ହେମାଙ୍ଗିନୀ(୭)।

୫ମାସ ତଳେ ଭାଗ୍ୟବନ୍ତୀ ନାଏକ ଏକ ଶିଶୁକନ୍ୟା(ଶ୍ରୀମତୀ)ଙ୍କୁ ଜନ୍ମ ଦେବା ପରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଆଖି ବୁଜିଥିଲେ। ଜନ୍ମିତ ଶିଶୁକୁ ଘରକୁ ଆଣି ବାପା ହରିଶ୍ଚନ୍ଦ୍ର ବଡ଼କଷ୍ଟରେ ପାଳିଲେ। ଗାଁ ଗାଁ ବୁଲି ଗୁଡାଖୁ ବିକ୍ରି କରି ଯାହା ରୋଜଗାର କରନ୍ତି ସେଥିରେ ୩ ଝିଅଙ୍କ ସହ ବୃଦ୍ଧା ମା’ ଚିତ୍ରି, ବାପା ସର୍ବେଶ୍ୱରଙ୍କ ପ୍ରତିପୋଷଣ କରୁଥିଲେ ହରିଶ୍ଚନ୍ଦ୍ର। ସବୁକିଛି ଠିକ୍‌ଠାକ ଚାଲିଥିଲା। ହେଲେ ବିଧିର ବିଧାନ ଥିଲା ଅଲଗା। ଅଜଣା ରୋଗରେ ସେ ଆକ୍ରାନ୍ତ ହେଲେ। ଆଉ ସେହି ରୋଗରେ ସେ ଆଖିବୁଜିଲେ। ଏବେ ବୃଦ୍ଧା ଜେଜେମା’ ଜେଜେବାପା ୩ ନାତୁଣୀଙ୍କ ସାହାରା ପାଲଟିଛନ୍ତି। ପରିବାରର ବୋଝ ଓ ଅର୍ଥାଭାବରୁ ୨ବଡ଼ ଭଉଣୀ ସ୍କୁଲକୁ ପଢିବାକୁ ନ ଯାଇ ଘରକାମ କରିବା ସହ ୫ମାସର ସାନଭଉଣୀର ଯତ୍ନ ନେଉଛନ୍ତି। ପ୍ରମିଳା ଅଷ୍ଟମ ଓ ହେମାଙ୍ଗିନୀ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ବର୍ତ୍ତମାନ ପରିବାରରେ କେହି ରୋଜଗାରକ୍ଷମ ନ ଥିବାରୁ ପରିବାର ଚଳିବା କଷ୍ଟକର ହୋଇପଡିଛି। ଫଳରେ ବଞ୍ଚିବାକୁ ସେମାନଙ୍କୁ ପ୍ରତିଦିନ ସଂଘର୍ଷ କରିବାକୁ ପଡୁଛି। ବୃଦ୍ଧା ଜେଜେମା’ ଓ ଜେଜେବାପା ପାଉଥିବା ଭତ୍ତା ଟଙ୍କା ବ୍ୟତୀତ ଅନ୍ୟ କିଛି ସରକାରୀ ସହାୟତା ମିଳୁନାହିଁ। ଏମାନେ ରହୁଥିବା ମାଟିଘର ମଧ କେତେବେଳେ ଯେ ଭାଙ୍ଗିଯିବ ତାହା କହିହେବ ନାହିଁ। ଏସ୍‌ଇସିସି ତାଲିକାରେ ନାମ ଥିଲେ ମଧ ତାଙ୍କୁ ଏ ପର୍ଯ୍ୟନ୍ତ ଘରଟିଏ ମିଳିପାରି ନାହିଁ। ଏଭଳି ଅସହାୟ ପରିବାରକୁ ପ୍ରଶାସନ ସହ ଜିଲା ଶିଶୁ ମଙ୍ଗଳ ସମିତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ନେଇ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଘର ଆଲଟ୍‌ମେଣ୍ଟ ଆସିଲେ ସେମାନଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ।


ତିନି ଭଉଣୀଙ୍କ ସହ ବୃଦ୍ଧା ଜେଜେମାଁ ଓ ଜେଜେବାପା।

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

**ଲହୁଣୀପଡା,୩୧୯(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁମାକେଲା ଗ୍ରାମରେ ଜଣେ ଯୁବତୀଙ୍କୁ ସେହି ଗ୍ରାମର ଜଣେ ଯୁବକ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ପକ୍ଷରୁ ଚାନ୍ଦିପୋଷ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଗୁରୁବାର ପୋଲିସ ଯୁବତୀଙ୍କ ଡାକ୍ତରୀ ମାଇନା କରିଛି। ସମ୍ପୃକ୍ତ ଯୁବକ ଅଗସ୍ଥି କାଣ୍ଡୁଲାନା (୨୫) ଫେରାର ଅଛନ୍ତି। ଚାନ୍ଦିପୋଷ ଥାନା ଅଞ୍ଚଳର ଜଣେ ଯୁବତୀ ୨୦୧୧ରେ ନାବାଳିକା ଥିବା ସମୟରେ ସେହି ଗ୍ରାମର ଦୁର୍ଗାପଛା ସାହିର ଅଗସ୍ଥି ତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ପରେ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବାରୁ ଯୁବତୀ ଜଣକ ଗର୍ଭବତୀ ହୋଇଥିଲେ। ଯୁବତୀ ଜଣକ ଗର୍ଭନଷ୍ଟ ନ କରି ଅଗସ୍ଥିଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ହେଲେ ଯୁବକଙ୍କ ପରିବାର ଲୋକେ ଏଥିରେ ସମ୍ମତି ପ୍ରଦାନ କରି ନ ଥିଲେ। ଫଳରେ ପୀଡିତା ନ୍ୟାୟ ପାଇବା ଆଶାରେ ଚାନ୍ଦିପୋଷ ଥାନାରେ ସାମାଜିକ କର୍ମୀ ଚାନ୍ଦମଣୀ ସାଣ୍ଡିଲଙ୍କ ସହାୟତାରେ ଲିଖିତ ଅଭିଯୋଗ କରିଥିଲେ।

### ସର୍ଗିପାଲି ବେଆଇନ ସାର କାରବାର ଘଟଣା
#### ଖପ୍ରାଖୋଲ ଥାନାରେ ମାମଲା ରୁଜୁ

**ଖପ୍ରାଖୋଲ, ୩୧୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗାଁରେ ବେଆଇନ୍ ସାର ଓ କୀଟନାଶକ କାରବାରକୁ ନେଇ ଗତ ୧୯ ତାରିଖ ବାଣିଜ୍ୟ କର ବିଭାଗ ତରଫରୁ ଚଢାଉ କରାଯାଇ ଗୋଦାମ ସିଲ୍ ହୋଇଥିଲା। ପରେ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକ, ଖପ୍ରାଖୋଲ କୃଷି ଅଧିକାରୀ ଯଶୋବନ୍ତ ସାହୁ, ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କ ଉପସ୍ଥିତିରେ ସିଲ୍ ଖୋଲାଯାଇ ସାର ଓ ବିଭିନ୍ନ ପ୍ରକାରର କୀଟନାଶକ ସିଜ୍ କରାଯାଇଥିଲା। ଘଟଣାର ୧୫ ଦିନ ପରେ କୃଷି ବିଭାଗ ତରଫରୁ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଥାନା କେସ୍ ନଂ. (୧୭୪/୨୦)ରେ ଏକ ମାମଲା ରୁଜୁ କରି ସର୍ଗିପାଲି ଗାଁର ଚୂଡାମଣି ମେହେର(୫୦) ଓ ତାଙ୍କ ପୁଅ ମନୋଜ ମେହେର(୩୦)ଙ୍କୁ ଗିରଫ୍ ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଛି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି। ବ୍ଲକ କୃଷି ଅଧିକାରୀ ଯଶୋବନ୍ତ ସାହୁଙ୍କୁ ପଚାରିବାରୁ ବାଣିଜ୍ୟ କର ବିଭାଗର ଚଢାଉ ପରେ ସାର ଓ କୀଟନାଶକ ଜବତ୍ ପାଇଁ ପ୍ରଶାସନ କହିଥିଲା।

### ସାରବିକ୍ରିରେ ଅନିୟମିତତା, କର୍ମଚାରୀ ନିଲମ୍ବିତ

**ନାକଟିଦେଉଳ, ୩୧୯(ଡ଼ି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ କୃଷି ସମବାୟ ସମିତିରେ ସାରବିକ୍ରିରେ ଅନିୟମିତତା ହୋଇଥିବା ଅଭିଯୋଗରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ରେଢାଖୋଲ ସହକାରୀ ନିବନ୍ଧକ ସମୂହ ନିଲମ୍ବିତ କରିଛନ୍ତି। ବାଟଗାଁ ସମବାୟ ସମିତିରେ ସାର କଳାବଜାର ହେଉଥିବା ଜଣାପଡ଼ିବା ପରେ ବ୍ଲକ କୃଷି ଅଧିକାରୀ ପ୍ରହ୍ଲାଦ ସେନାପତି ସମିତି କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ସମବାୟ ସମିତିରୁ ସାଲେଭଟା ପଞ୍ଚାୟତର ଧଉରାଗୋଠ ଗ୍ରାମର ପ୍ରମୋଦ ବେହେରାଙ୍କ ନାମରେ ଗତ ଜୁଲାଇ ୧ତାରିଖରେ ୬୦ବସ୍ତା, ୩ତାରିଖରେ ୨୫ବସ୍ତା, ୯ତାରିଖରେ ୩୦ବସ୍ତା ଏବଂ ୨୧ତାରିଖରେ ୩୦ବସ୍ତା ଏହିପରି ମୋଟ ୧୪୫ବସ୍ତା ସାର ଉଠାଣ ହୋଇଥିଲା। ସେହିପରି ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାମୁରା ଗ୍ରାମର ମିଲୁ ସେଠଙ୍କ ନାମରେ ବିଭିନ୍ନ ତାରିଖରେ ୧୦୯ବସ୍ତା ସାର ଉଠାଣ ହୋଇଥିଲା। ଏ ନେଇ ଅଭିଯୋଗ ଆସିବା ପରେ କୃଷି ବିଭାଗ ଏବଂ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ତେବେ ବାଟଗାଁ ପ୍ରାଥମିକ କୃଷି ସମବାୟ ସମିତିରେ ସାର ବିକ୍ରିରେ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିବା ପରେ ସହକାରୀ ନିବନ୍ଧକ ସମବାୟ ସମୂହ ରେଢାଖୋଲ ରାଧାକୃଷ୍ଣ ମେହେର ଗତ ୨ତାରିଖରେ ଉକ୍ତ ସମବାୟ ସମିତିର ସାର ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀ ମୋତିଲାଲ ସାହୁଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

## ଜିଏମ୍‌ୟୁରେ ଅନଲାଇନରେ ପରୀକ୍ଷା ହେବ

ସମ୍ବଲପୁର,୩୧୯(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ପିଜି ଓ ୟୁଜି ପରୀକ୍ଷା ଅନଲାଇନରେ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ସରକାରଙ୍କ ନିୟମରେ କୋହଳ ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପିଜି ଓ ୟୁଜି ଛାତ୍ରୀଛାତ୍ରଙ୍କ ଶେଷ ସେମିଷ୍ଟାର, ବ୍ୟାକ୍ ପେପର ପରୀକ୍ଷା ମଧ ଅନୁଷ୍ଠିତ ହେବା ବୋଲି କୁହାଯାଇଛି। ଅକ୍ଟୋବର ୩୦ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ସମସ୍ତ ବିଭାଗ ମୁଖ୍ୟ ଛାତ୍ରୀଛାତ୍ର ମାନଙ୍କୁ ନେଇ ହ୍ୱାଟଆପ ଗ୍ରୁପ୍ ଗଠନ କରାଯିବ। ଛାତ୍ରୀଛାତଙ୍କ ସମସ୍ୟା ଓ ପରୀକ୍ଷା ବିଷୟରେ ଏହି ଗ୍ରୁପ୍‌ରେ ସୂଚନା ଦିଆଯିବ। ନିଜ ବିଭାଗର ଅଧ୍ୟାପକ ମାନଙ୍କ ସହ ଛାତ୍ରୀଛାତ୍ରମାନେ ଆଲୋଚନା କରିପାରିବେ। ଯେଉଁମାନେ କିଛି ଜାଣିବାକୁ ଚାହିଁବେ ସେମାନେ ପ୍ରଶ୍ନ ପଚାରି ପାରିବେ। ପରୀକ୍ଷା କିଭଳି ହେବ ସେ ନେଇ ଶୀଘ୍ର ନିୟମ ଜାରି କରାଯିବ। କୋଭିଡ କଟକଣା ପାଇଁ ଜିଏମୟୁରେ ଶେଷ ସେମିଷ୍ଟାର ପରୀକ୍ଷା ହୋଇ ପାରି ନ ଥିଲା। ଛାତ୍ରୀଛାତ୍ରମାନେ ପରୀକ୍ଷା ପାଇଁ ଦାବି କରିଥିଲେ। ପରୀକ୍ଷା ନ ହେଲେ ଆଗାମୀ ଶିକ୍ଷା ବର୍ଷ ପାଇଁ ସେମାନଙ୍କ ସମସ୍ୟା ହେବା କିମ୍ବା ତେଣୁ ଏଭଳି ନିଷ୍ପତ୍ତି ନିଆଯାଇଛି। କରୋନା ସଂକ୍ରମଣ ହେବା ଆଶଙ୍କା ମଧ ନାହିଁ ବୋଲି କର୍ତ୍ତୃପକ୍ଷ ସୁଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)ରେ ଅନ୍‌ଲାଇନ ପରୀକ୍ଷା ଅନୁଷ୍ଠିତ ହୋଇ ଫଳ ପ୍ରକାଶ ପାଇଥିଲା। ଏହା ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଅନ୍‌ଲାଇନରେ ପରୀକ୍ଷା କରିଥିଲା।

## ଟାଙ୍ଗନକଣା ଡ୍ୟାମ୍‌ରୁ ବେଦାନ୍ତ ଡେପୁଟି ମ୍ୟାନେଜରଙ୍କ ମୃତଦେହ ଉଦ୍ଧାର

ଲାଞ୍ଜିଗଡ଼/ ଭବାନୀପାଟଣା, ୩୧୯ (ଡି.ଏନ.ଏ.)

ଗତ ଦୁଇଦିନ ଧରି ନିଖୋଜ ଥିବା କଳାହାଣ୍ଡି ଜିଲା ଲାଞ୍ଜିଗଡସ୍ଥିତ ବେଦାନ୍ତର ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ମୃତଦେହ ନିକଟସ୍ଥ ଟାଙ୍ଗନକଣା ଡ୍ୟାମରୁ ଉଦ୍ଧାର କରିଛି ଲାଞ୍ଜିଗଡ ପୋଲିସ। ମୃତକ ହେଲେ ପ୍ରତ୍ୟୁଷ କୁମାର ପ୍ରଧାନ(୩୩)। ସେ ଡେପୁଟି ମ୍ୟାନେଜରଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଘର କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ଗଦଗୁଡା ଗାଁରେ। ୨ ତାରିଖ ସନ୍ଧ୍ୟାରେ ତାଙ୍କ ନିଖୋଜକୁ ନେଇ କମ୍ପାନୀ ପକ୍ଷରୁ ଲାଞ୍ଜିଗଡ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଲାଞ୍ଜିଗଡ ପୋଲିସ ଏକ ମାମଲା ରୁଜୁ କରି ଛାନଭିନ ଆରମ୍ଭ କରିଥିଲା। ୨ ତାରିଖ ରାତିରେ ପ୍ରଧାନଙ୍କ ହୁଣ୍ଡାଇ ଆଇ୨୦(ଓଡି-୦୨ ଏଡି-୮୪୭୧) କାର୍ ଲାଞ୍ଜିଗଡଠାରୁ ୩ କିମି ଦୂରରେ ଟାଙ୍ଗନକନା ଡ୍ୟାମ ପାଖରେ ଥିବା ଖବର ମିଳିଥିଲା। ଲାଞ୍ଜିଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା। ତେବେ ଗୁରୁବାର ଅଗ୍ନିଶମ କର୍ମଚାରୀ ଡ୍ୟାମରେ ଖୋଜାଖୋଜି କରିବା ପରେ ଗଭୀର ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା( ନଂ.୫/୨୦)ରୁଜୁ ହୋଇଛି। ମୃତ୍ୟୁ ଖବର ପାଇବା ପରେ ପ୍ରତ୍ୟୁଷଙ୍କ ପରିବାର ଲୋକେ ଲାଞ୍ଜିଗଡରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କ ମୃତ୍ୟୁରେ କର୍ମଚାରୀ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଯୌନ ନିର୍ଯାତନା ଅଭିଯୋଗ, ଥାନାରେ ମାମଲା

ବଲାଙ୍ଗୀର ଅଫିସ, ୩୧୯

ବଲାଙ୍ଗୀର ଜିଲା ତୁଷରାଠାରେ ଥିବା ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କୁ ସେହି ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ର ଅପ୍ରାକୃତ ଯୌନ ନିର୍ଯାତନା ଦେଇଥିବା ନେଇ ତୁଷରା ଥାନାରେ ଗୁରୁବାର ମାମଲା (ନଂ.୧୨୨/୨୦)ରୁଜୁ ହୋଇଛି। ମୁରିବାହାଲ ଅଞ୍ଚଳର ଜଣେ ଛାତ୍ର ତୁଷରାର ଏକ ଘରୋଇ ସ୍କୁଲ ହଷ୍ଟେଲରେ ରହି ପଢୁଥିଲେ। ଗତ ଜାନୁୟାରୀ ମାସରେ ରାତିରେ ଶୋଇଥିବା ବେଳେ ସେହି ସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ର ତାଙ୍କ ପାଖକୁ ଆସି ଅପ୍ରାକୃତିକ ଯୌନ ନିର୍ଯାତନା ଦେଇଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ସ୍କୁଲ କର୍ତ୍ତୃପକ୍ଷ ଉଦ୍ୟମ କରିଥିଲେ। ଘଟଣା ସମ୍ପର୍କରେ ପୀଡିତ ଛାତ୍ରଙ୍କ ପିତାମାତାଙ୍କୁ କିଛି ଜଣାଯାଇ ନ ଥିଲା। ଏଭଳିକି କିଛିଦିନ ଧରି ଛାତ୍ରଙ୍କୁ ପିତାମାତାଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିବାକୁ ଦିଆଯାଇ ନ ଥିଲା। ଏହାପରେ ପୀଡିତ ଛାତ୍ରଙ୍କ ପିତାମାତା ତୁଷରା ସ୍କୁଲକୁ ଆସିବାରୁ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଧମକ ଯୋଗୁଁ ପୀଡିତ ଛାତ୍ରଙ୍କ ପିତାମାତା ମଧ ଏହି ଘଟଣାକୁ ଦୀର୍ଘ ୭ ମାସ ଧରି ଚପାଇ ରଖିଥିଲେ। ଶେଷରେ ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଜଣାଇଥିଲେ। ଏହାପରେ ଡିସିପିୟୁଙ୍କ ସମ୍ପୃକ୍ତ ପୀଡିତ ଛାତ୍ରଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)ରେ ପ୍ରଡ୍ୟୁସ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏହି ଘଟଣା ନେଇ ତୁଷରା ଓ ମୁରିବାହାଲ ଥାନାରେ ଅଭିଯୋଗ ପାଇଁ ପୀଡିତଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଡିସିପିୟୁ, ସିଡବ୍ଲ୍ୟୁସି ତରଫରୁ ମଧ ସମ୍ପୃକ୍ତ ଥାନାକୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

## ବିଧାୟକଙ୍କ ବିରୋଧରେ ମିଥ୍ୟା ଆରୋପ ଅଭିଯୋଗ, ଥାନାରେ ଏତଲା

ଲୋଇସିଂହା, ୩୧୯(ଡି.ଏନ.ଏ.)

ଆଗଲପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର କେତେକ ବ୍ୟକ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ବିରୋଧରେ ନାରାବାଜି କରିଥିଲେ। ମିଥ୍ୟା ଆରୋପରେ ସମ୍ପୃକ୍ତ ଥିବା ଭିକ ପାତ୍ର, ବସନ୍ତ ଭୋଇ, ବୀରେନ୍ଦ୍ର ନାଏକ, ସୂର୍ଯ୍ୟ ସ୍ୱାଇଁ, ଅନ୍ଧାରୁ ସାହୁ, ଜଗନ୍ନାଥ ନାଏକ, ଅଶୋକ ପଟେଲଙ୍କ ବିରୋଧରେ ଦଳ ପକ୍ଷରୁ ଲୋଇସିଂହା ଥାନାରେ ଅଭିଯୋଗ କରାଯାଇଛି। ଆଗଲପୁର ମଣ୍ଡଳ ସଭାପତି ଓମେଶ ପଟେଲ, ଡୁଡୁକା ମଣ୍ଡଳ ସଭାପତି ପିତାମ୍ବର କଣ୍ଟା ଓ ଲୋଇସିଂହା ମଣ୍ଡଳ ସଭାପତି ସରୋଜ ସାହୁଙ୍କ ନେତୃତ୍ୱରେ ଥାନାରେ ଏତାଲା ଦିଆଯାଇଛି।

## ୪ବର୍ଷ ପରେ ବଳାତ୍କାର ଅଭିଯୁକ୍ତ ଗ୍ରାମରକ୍ଷୀ ଗିରଫ

ଅତାବିରା, ୩୧୯ (ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ଥାନା ଅଧୀନ ପାଲିବୁଗବୁଗା ଗ୍ରାମର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହେବାର ୪ବର୍ଷ ପରେ ଅଭିଯୁକ୍ତ ଗ୍ରାମରକ୍ଷୀଙ୍କୁ ପୋଲିସ ବୁଧବାର ରାତି ୮ଟାରେ ତାଙ୍କ ବାସଭବନରୁ ଗିରଫ କରିବାକୁ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଦୁର୍ଗାଶଙ୍କର ଭଏନା। ଅତାବିରା ପୋଲିସ ଗୁରୁବାର ସକାଳେ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଇବା ପରେ ବରଗଡ଼ କୋର୍ଟକୁ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ୨୦୧୬ ଅଗଷ୍ଟ ୩୧ ତାରିଖରେ ଅଭିଯୁକ୍ତ ଦୁର୍ଗାଶଙ୍କର ତାଙ୍କର ଜଣେ ସମ୍ପର୍କୀୟ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୨୨୩/୧୬) ରୁଜୁ କରିଥିଲା। ସେହିଦିନଠାରୁ ପୋଲିସକୁ ଚକ୍‌ମା ଦେଇ ଗ୍ରାମରକ୍ଷୀ ଫେରାର ଥିଲେ। ବୁଧବାର ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ ଅତର୍କିତ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

## ରାସ୍ତାରେ ଧାନ ରୋଇ ଗ୍ରାମବାସୀଙ୍କ ପ୍ରତିବାଦ


ରାସ୍ତାରେ ଧାନ ରୋଉଛନ୍ତି ଗ୍ରାମବାସୀ।

**ମରାମତି କଲାନି ପ୍ରଶାସନ**

ଜୁନାଗଡ,୩୧୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଛୋରିଆଗଡ-ସାନଫୁର୍ଲା ରାସ୍ତା ଦୀର୍ଘଦିନ ହେବ ଶୋଚନୀୟ ଅବସ୍ଥାରେ ରହିଛି। ଫଳରେ ଉଭୟ ଗ୍ରାମର ଜନସାଧାରଣ ଯାତାୟାତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷ କରି ଏବେ ବର୍ଷା ସମୟରେ ଏହି ରାସ୍ତାରେ ଖାଲଖମା ସହ ଆଣ୍ଠୁଏ କାଦୁଅ ହୋଇଛି। ଏଥିପ୍ରତି ବ୍ଲକ ପ୍ରଶାସନ ତଥା ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଗୁରୁବାର ସ୍ଥାନୀୟ ଗ୍ରାମବାସୀ ଏହାର ପ୍ରତିବାଦ କରି ରାସ୍ତାରେ ଧାନ ରୋଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଏହି ରାସ୍ତା ମରାମତି ପାଇଁ ଟଙ୍କା ଆସିଥିବାବେଳେ ବର୍ଷା ଯୋଗୁଁ ମରାମତି ହୋଇ ପାରିଲା ନାହିଁ। ଶୀଘ୍ର ମରାମତି କରାଯିବ ବୋଲି ଛୋରିଆଗଡ ସରପଞ୍ଚ ବବିତା ଗୁରୁ ପ୍ରକାଶ କରିଛନ୍ତି।

## ଦୀପକ ବାଗ ବଲାଙ୍ଗୀରର ପ୍ରଥମ ପ୍ଲାଜମା ଡୋନର

ବଲାଙ୍ଗୀର ଅଫିସ, ୩୧୯

ବଲାଙ୍ଗୀର ସହର ରୁଗୁଡିପଡା ନିବାସୀ ଦୀପକ ବାଗ ଜିଲାର ପ୍ରଥମ ପ୍ଲାଜ୍‌ମା ଡୋନର ହୋଇଛନ୍ତି। ବୁଧବାର ବୁର୍ଲା ଭୀମସାର ପ୍ଲାଜ୍‌ମା ବ୍ୟାଙ୍କରେ ସେ ପ୍ଲାଜମା ଦାନ କରିଛନ୍ତି। କିଛିଦିନ ପୂର୍ବରୁ ଦୀପକ କରୋନା ସଂକ୍ରମିତ ହୋଇଥିଲେ। ଚିକିତ୍ସା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ। କୋଭିଡ-୧୯ ଗାଇଡଲାଇନ୍ ଅନୁଯାୟୀ ସେ ହୋମଆଇସୋଲେସନ୍ ପୂରଣ କରିଥିଲେ। ତାଙ୍କ ପ୍ଲାଜମାରେ ଅନ୍ୟ କରୋନା ରୋଗୀ ସୁସ୍ଥ ହେବେ। ତାଙ୍କର ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ତହସିଲ ଅଫିସ ଘେରିଲା କୋଶଳ କୃଷକ ସଂଗଠନ

ବେଲପଡା, ୩୧୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ପଞ୍ଚାୟତର ଶତାଧିକ ଚାଷୀ ବୀମାରାଶି ପଇଠ କରିଥିଲେ ମଧ୍ୟ କୃଷିବୀମା ପାଇନାହାନ୍ତି। ଗୁରୁବାର ଜୟକୋଶଳ କୃଷକ ସଗଠନ ତରଫରୁ ସ୍ଥାନୀୟ ତହସିଲ ଅଫିସ ଘେରାଉ କରାଯାଇଥିଲା। ତହସିଲଦାର ପ୍ରୀୟ ରଞ୍ଜନ କମାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ବନମାଳୀ ନାଏକ, ଅଚ୍ୟୁତ ସିପୁନ ଖମାରୀଙ୍କ ନେତୃତ୍ୱରେ ତହସିଲ ଅଫିସଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ୟାର ତ୍ୱରିତ ସମାଧାନ ନ ହେଲେ ଆନ୍ଦୋଳନ ଭୟଙ୍କର ହେବ ବୋଲି ଚେତାବନୀ ଦିଆଯାଇଥିଲା। ଦନାର୍ଦ୍ଦନ ସିଂ, ଶ୍ରୀଧର ବୁଡେକ, ଜିତୁ ନାଏକ, ଅଚ୍ୟୁତାନନ୍ଦ ବୁଡେକ, ସୁଶୀଲ ବୁଡେକ ପ୍ରମୁଖ ସମିଲ ଥିଲେ।

## ଦାଦନ ଯିବାକୁ ଶ୍ରମିକଙ୍କ ସଜବାଜ

ସୋନପୁର, ୩୧୯(ନି.ପ୍ର.)

ଗଣପର୍ବ ନୂଆଁଖାଇ ଗତ ୨୩ ତାରିଖରେ ସରିଛି। କରୋନା ଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସୁବର୍ଣ୍ଣପୁର ଜିଲାରେ ଗରିବ, ଶ୍ରମଜୀବୀ ନୂଆଁଖାଇ ପାଳିଛନ୍ତି। ଗଣପର୍ବ ପୂର୍ବରୁ ଦାଦନ ସର୍ଦ୍ଦାରମାନେ ଗାଁ ଗାଁ ବୁଲି ସେମାନଙ୍କୁ ଉତ୍ସବ ମନାଇବା ପାଇଁ ଅଗ୍ରିମ ଟଙ୍କା ଦେଇଥିଲେ। ନୂଆଁଖାଇ ପରେ ଦାଦନ ଖଟିଯିବାକୁ କଥା ଦିଆନିଆ ମଧ ହୋଇଥିଲେ। ଅପରପକ୍ଷରେ ପ୍ରବାସୀ ଶ୍ରମିକଙ୍କ ହାତରେ ଏବେ କାମଧନ୍ଦା ନାହିଁ। ତେଣୁ ପ୍ରତିବର୍ଷ ଭଳି ଚଳିତ ଥର ମଧ ଗାଁ ଗାଁରେ ଶ୍ରମିକ ଦଲାଲ ଏବେ ମାତିଲେଣି। ସେମାନେ ଗାଁରେ ଡେରା ପକାଇ ସ୍ଥାନୀୟ କେତେକ ଯୁବକଙ୍କୁ ହାତ କରି ଶ୍ରମିକ ଯୋଗାଡ଼ରେ ବ୍ୟସ୍ତ ଅଛନ୍ତି। ପେଟକୁ ଦାନା ଯୋଗାଡ଼ ପାଇଁ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ଗୁଜରାଟ, ମୁମ୍ବାଇ ଓ ତେଲଙ୍ଗାନା ଭଳି ରାଜ୍ୟକୁ ଶ୍ରମିକମାନେ ଦାଦନ ଖଟି ଯିବେ। ଲକ୍‌ଡାଉନ୍ ଯୋଗୁ ରାଜ୍ୟ ବାହାରେ ଥିବା ପ୍ରବାସୀ ଶ୍ରମିକ କାମଧନ୍ଦା ନ ପାଇ ଭିଟାମାଟିକୁ ଫେରିଥିଲେ। ଅନ୍ୟ ରାଜ୍ୟରୁ ଫେରିଥିବା ଶ୍ରମିକ ନିଜ ଘର ପାଖରେ କାମ କରିବେ ବୋଲି ଆଶା ବାନ୍ଧିଥିଲେ। କିନ୍ତୁ ଏହି ପରିବାର ଏଠାରେ କାମଧନ୍ଦା ବିନା ହାତବାନ୍ଧି ବସିଛନ୍ତି। ଏହି ବର୍ଗର ଶ୍ରମିକ ଦାଦନ ଦଲାଲଙ୍କ ଜାଲରେ ପଡୁଛନ୍ତି। ସେମାନଙ୍କ ରୋଜଗାର ଶୂନ୍ୟତା ଦାଦନ ଦଲାଲଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଛି। ସୁବର୍ଣ୍ଣପୁର ଜିଲାରେ ଦାଦନ ଚାଲାଣ ହୁଏନି ବୋଲି ଜିଲା ପ୍ରଶାସନ ପୂର୍ବରୁ କହୁଥିଲେ। କିନ୍ତୁ କରୋନା ପ୍ରଶାସନର ଦାବିକୁ ଭୁଲ୍ ପ୍ରମାଣିତ କରିସାରିଛି। ଏହି ଜିଲାର ୧୫ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଲକ୍‌ଡାଉନ୍ ସମୟରେ ଅନ୍ୟ ରାଜ୍ୟରୁ ଘରକୁ ଫେରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ ପଞ୍ଜୀକୃତ ଦାଦନ ଶ୍ରମିକ ଥିଲେ ମାତ୍ର ୧୯ ଜଣ।

ଅନ୍ୟ ରାଜ୍ୟର ଶିଳ୍ପାନୁଷ୍ଠାନରେ କାମ କରି ଆସୁଥିବା କୁଶଳୀ ଶ୍ରମିକମାନେ ଏଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି କାମ କରିବାକୁ ରାଜି ନୁହନ୍ତି। ସେମାନଙ୍କ କାର୍ଯ୍ୟ ଦକ୍ଷତା ଅନୁସାରେ ଜିଲାରେ କର୍ମସଂସ୍ଥାନର ସୁଯୋଗ ନାହିଁ। ଦଲାଲ ହାବୁଡ଼ରେ ପଡି ପୁଣି ୬ମାସ ଗାଁ ଛାଡି ଚାଲିଯିବାକୁ ଶ୍ରମିକ ପରିବାର ସଜବାଜ ହେଲେଣି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡୁଙ୍ଗୁରିପାଲି ଓ ବିନିକା ଜଳସେଚିତ ଅଞ୍ଚଳ ହୋଇଥିଲେ ମଧ ଏହି ଦୁଇ ବ୍ଲକରୁ ହିଁ ପ୍ରତିବର୍ଷ ଅନେକ ଗରିବ ପରିବାର ଦାଦନ ଖଟିବାକୁ ଯାଉଛନ୍ତି। ଅଣଜଳସେଚିତ ତରଭା, ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ପରିସ୍ଥିତି ଅତ୍ୟନ୍ତ ଜଟିଳ। ଜିଲାରେ ରୋଜଗାର ସୃଷ୍ଟି ପାଇଁ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଯୋଜନାର ବାସ୍ତବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦାଦନ ଯିବା ଆଗରୁ ପଞ୍ଚାୟତ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ ବ୍ୟବସ୍ଥା ରହିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କେଉଁ ପଞ୍ଚାୟତ କାର୍ଯ୍ୟାଳୟରେ କେତେଜଣ ଦାଦନ ରାଜ୍ୟ ବାହାରକୁ ଯିବା ପୂର୍ବରୁ ନାମ ପଞ୍ଜୀକରଣ କରାଇଛନ୍ତି। ସେ ତଥ୍ୟ ପ୍ରଶାସନ ନିକଟରେ ନାହିଁ। ସରକାର ଦାଦନ ଭଳି ଏହି ସମ୍ବେଦନଶୀଳ ସମସ୍ୟା ରୋକିବାକୁ ଅନେକ ରୋଜଗାରଭିତ୍ତିକ ଯୋଜନା କାର୍ଯ୍ୟକାରୀ କରୁଥିବା କହୁଥିଲେ ହେଁ ତାହା ଗରିବ ଲୋକଙ୍କୁ ଯେ ଆକର୍ଷିତ କରିପାରୁନି ତାହା ଏଥିରୁ ଅନୁମାନ କରିହେଉଛି।


OLA
ପ୍ରିୟ OLA ପାର୍ଟନର !
ଆପଣ ନିଜ ଅଟୋକୁ OLA ସହିତ ଜଡିତ କରିବା ପାଇଁ ଚାହୁଁଛନ୍ତି ? ଏବେ ଆଉ ଚିନ୍ତା ନାହିଁ, ଏବେ ହିଁ କଲ୍ କରନ୍ତୁ 033-40836591। ମାତ୍ର ଗୋଟେ ହିଁ କଲ୍‌ରେ ଆପଣ Online ହୋଇ ରୋଜଗାର ଆରମ୍ଭ କରି ପାରିବେ।
ଶୀଘ୍ର କରନ୍ତୁ ଏହା କେବଳ ସୀମିତ ସମୟ ପାଇଁ ଉପଲବ୍ଧ।
ଧନ୍ୟବାଦ
OLA ଭୁବନେଶ୍ୱର


## ପ୍ରଗତି ପଥେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼ ଜରିଆରେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାକୁ ସୁନ୍ଦରଗଡ଼ ଜିଲ୍ଲାର ୧୭ଟି ପଞ୍ଚାୟତ ସମିତି ଏବଂ ୨୭୯ଟି ଗ୍ରାମପଞ୍ଚାୟତ ମାଧ୍ୟମରେ ସୁଚାରୁରୂପେ କାର୍ଯ୍ୟକାରୀ କରାଯାଉଅଛି। ବିଗତ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାର ବିଭିନ୍ନ ଆନୁଷଙ୍ଗିକ ମାପକରେ ମିଳିଥିବା ସଫଳତାଗୁଡିକର ବିବରଣୀ ନିମ୍ନମତେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଗଲା।

| କ୍ରମାଙ୍କ | ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାର ଆନୁଷଙ୍ଗିକ ମାପକ | ଆର୍ଥିକବର୍ଷ ୨୦୧୯-୨୦ | | ଆର୍ଥିକବର୍ଷ ୨୦୨୦-୨୧ (୧୯।୦୮।୨୦୨୦ ପର୍ଯ୍ୟନ୍ତ) | |
|---|---|---|---|---|---|
| | | ଲକ୍ଷ୍ୟ | ସଫଳତା | ଲକ୍ଷ୍ୟ | ସଫଳତା |
| ୦୧ | ଶ୍ରମ ଦିବସ | ୬୧,୪୪,୦୦୦ | ୬୯,୭୩,୪୬୫ (୧୧୩%) | ୫୮,୬୬,୮୦୩ | ୫୫,୪୦,୬୦୫ (୯୪%) |
| ୦୨ | ଆର୍ଥିକ | ଟ୨୦,୪୦୬.୦୭ ଲକ୍ଷ | ଟ.୧୬,୩୮୫.୭୩ ଲକ୍ଷ (୮୧%) | ଟ୨୧,୪୫୪.୯୦ ଲକ୍ଷ | ଟ୧୫୧୩୮.୧୯ ଲକ୍ଷ (୭୧%) |

- ୨୦୧୯-୨୦ ଆର୍ଥିକବର୍ଷରେ ୬୫୮୭ ଜଣ ଅଣକୁଶଳୀ ଶ୍ରମିକଙ୍କୁ ୧୦୦ ଦିନ କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଥିଲା। ସେହିପରି ଚଳିତବର୍ଷ (୧୯।୦୮।୨୦୨୦ ପର୍ଯ୍ୟନ୍ତ) ୩୫୯୯ ଜଣଙ୍କୁ ୧୦୦ ଦିନ କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଅଛି ଏବଂ ଏହାକୁ ଅଧିକ ପରିମାଣରେ କରିବାକୁ ଦୃଢୀଭୂତ ଅଟୁ।
- ଯେହେତୁ ସୁନ୍ଦରଗଡ଼ ଜିଲ୍ଲା ଗୋଟିଏ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଅଟେ, ତେଣୁ ଚଳିତବର୍ଷ ୪୩,୮୯,୨୨୨ ଜଣ ଅଣକୁଶଳୀ ଅନୁସୂଚିତ ଜାତି/ ଜନଜାତି ଲୋକଙ୍କୁ କାର୍ଯ୍ୟ ଦିବସ ଯୋଗାଇ ଦିଆଯାଇଅଛି ଯାହାକି କାର୍ଯ୍ୟକାରୀ ହୋଇଥିବା ଶ୍ରମ ଦିବସର ୭୯% ଅଟେ।
- ସୁନ୍ଦରଗଡ଼ ଜିଲ୍ଲା ଯେହେତୁ ଗୋଟିଏ ମରୁଡି ଅଧ୍ୟୁଷିତ ଅଞ୍ଚଳ ଅଟେ, ତେଣୁ ବହୁ ପରିମାଣରେ ଖୋଲା କୂପ ଖନନ ପାଇଁ ପ୍ରଚେଷ୍ଟା ଜାରି ରହିଅଛି। ୨୦୧୯-୨୦ ଆର୍ଥିକବର୍ଷରେ ୨୫୭୧ ଗୋଟି କୂପ ଖନନ କରାଯାଇଥିଲା। ସେହିପରି ଚଳିତବର୍ଷ (୧୯।୦୮।୨୦୨୦ ପର୍ଯ୍ୟନ୍ତ) ୧୧୬୪୨ ଗୋଟି କୂପ ଖନନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି, ସେଥିମଧ୍ୟରୁ ୧୮୧୭ ଗୋଟିର କାର୍ଯ୍ୟାରମ୍ଭ କରାଯାଇଛି ଓ ୨୦୧ଟି ଶେଷ ହୋଇଅଛି। କୂପଗୁଡିକର କାର୍ଯ୍ୟକୁ ଶୀଘ୍ର ସମ୍ପାଦନ କରିବା ପାଇଁ ଓ କୂପରେ ବ୍ୟବହୃତ ହୋଇଥିବା ସାମଗ୍ରୀର ମୂଲ୍ୟକୁ ଚାଷୀମାନଙ୍କୁ ଠିକ୍ ସମୟରେ ପଇଠ କରିବା ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳ, ଏହାର ମୂଲ୍ୟକୁ ଏହି ବର୍ଷଠାରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ର ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି ଯେ, ବିପୁଳ ପରିମାଣରେ କୂପ ଖନନରେ ଭାଗୀଦାର ହୋଇ ଭୂତଳ ଜଳ ଉତ୍ସକୁ ବଜାୟ ରଖିବା ପାଇଁ ଓ ଅଧିକରୁ ଅଧିକ ମାତ୍ରାରେ ଜୈବିକ ଓ ପୁଷ୍ଟିକର ପନିପରିବା ଚାଷ କରିବାରେ ସହାୟକ ହୁଅନ୍ତୁ।
- କ୍ଷୁଦ୍ର ଓ ନାମମାତ୍ରକ ଚାଷୀମାନେ ନିଜର ଜମିଗୁଡ଼ିକୁ ଏହି ଯୋଜନା ମାଧ୍ୟମରେ ଉନ୍ନତି କରାଇପାରିବେ। ଜଙ୍ଗଲ ଜମି ଅଧିକାର ବଳରେ ପାଇଥିବା ଜମିଗୁଡ଼ିକୁ ମଧ ଏହି ଯୋଜନାରେ ଉନ୍ନତ କରାଯାଇପାରିବ।
- ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲାରେ ଜୈବିକ ପଦ୍ଧତିରେ ‘ମୋ ଉପକାରୀ ବଗିଚା’ ଜାତୀୟ ଜୀବିକା ମିଶନ ଓ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନାର ମିଳିତ ସହଭାଗିତାରେ କାର୍ଯ୍ୟକାରୀ କରାଯାଉଅଛି। ଏଥିରେ ଯୋଗଦାନ କରି ଯୋଜନାକୁ ସଫଳ ମଣ୍ଡିତ କରନ୍ତୁ।
- ଆଜିକାର ସମୟରେ ସମଗ୍ର ବିଶ୍ୱ, ଦେଶ, ରାଜ୍ୟ ଓ ସର୍ବଶେଷରେ ସୁନ୍ଦରଗଡ଼ ଜିଲ୍ଲା ଏହି ମହାମାରୀର ପ୍ରକୋପରେ ପେଷିହୋଇଯାଉଅଛନ୍ତି। ତେଣୁ ଲୋକମାନଙ୍କୁ ଠିକ୍ ସମୟରେ ଜୀବନଜୀବିକା ଯୋଗାଇଦେବା ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ସଙ୍କଳ୍ପବଦ୍ଧ। ତେଣୁ ସମସ୍ତଙ୍କୁ ଆହ୍ୱାନ କରାଯାଉଅଛି ଯେ, ଏହି ଯୋଜନାରେ ଚାଲୁଥିବା ଶ୍ରମଭିତ୍ତିକ କାର୍ଯ୍ୟଗୁଡିକରେ ଭାଗୀଦାରି ହୋଇ ନିଜକୁ ଏବଂ ନିଜର ପରିବାରବର୍ଗଙ୍କୁ ସୁରକ୍ଷିତ ରଖନ୍ତୁ। ବର୍ତ୍ତମାନ ସମଗ୍ର ଜିଲ୍ଲାରେ କରୋନା ମହାମାରୀ ଜୀବାଣୁର ଚିହ୍ନଟ ପାଇଁ Rapid Antigen Test କରାଯାଉଅଛି। ଏଥିରେ ଅଂଶଗ୍ରହଣ କରି ନିଜକୁ, ନିଜର ପରିବାରକୁ ଏବଂ ସର୍ବଶେଷରେ ଦେଶକୁ ରକ୍ଷା କରିବାରେ ସହାୟକ ହୁଅନ୍ତୁ।

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁନ୍ଦରଗଡ଼

## ହୀରାକୁଦ ଡ୍ୟାମ୍: ୧୪ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର (ବ୍ୟୁରୋ): ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ଗୁରୁବାର ସନ୍ଧ୍ୟା ସୁଦ୍ଧା ୬୨୪.୨୧ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୪୨ ହଜାର ୩୯୮ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୪ଟି ଓ ବାମ ପାର୍ଶ୍ୱର ୧୦ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୨ ଲକ୍ଷ ୪୨ ହଜାର ୩୯୮ କ୍ୟୁସେକ ଜଳ ନିଷ୍କାସନ ହେଉଛି । ରିପୋର୍ଟ ଅନୁସାରେ, ବେଲଗାଁରେ ୧୪ ହଜାର ୪୦୦, ପଥର୍ଲାରେ ୪୭ ହଜାର ୩୧୭, ଖଇରମାଳରେ ୪ ଲକ୍ଷ, ବରମୁଳାରେ ୪ ଲକ୍ଷ ୮୦ ହଜାର, ମୁଣ୍ଡଲୀରେ ୫ ଲକ୍ଷ ୯୨ ହଜାର ୨୫୫ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

# ବନ୍ୟା ପରେ ପେଟକୁ ଦାନା ଚିନ୍ତା

**ସମ୍ବଲପୁର, ୩।୯ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ମହାନଦୀ ପଛୁଆ ପାଣିରେ ହୋଇଥିବା ବନ୍ୟା ପରିସ୍ଥିତ ସୁଧାର ଆସିବାରୁ ଲୋକଙ୍କ ମନରେ ଭୟ କମିଯାଇଛି। ମଙ୍ଗଳବାର ପ୍ରଶାସନ ପକ୍ଷରୁ କରାଯାଇଥିବା ଆଶ୍ରୟସ୍ଥଳୀ ଗୁଡିକ ବନ୍ଦ କରି ଦିଆଯାଇଛି। ଲୋକମାନେ ଘରକୁ ଫେରିଛନ୍ତି । ଲୋକମାନଙ୍କୁ ବନ୍ୟାରୁ ମୁକ୍ତି ମିଳିଛି । ହେଲେ ସେମାନଙ୍କୁ ପେଟ ପାଇଁ ଦିମୁଠା ଦାନା ଯୋଗାଡ଼ କରିବା ଚିନ୍ତା ଘାରିଛି । ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ପ୍ରଭାବିତ ତଳି ଅଞ୍ଚଳରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି ।

ମନ୍ଦଲିଆସ୍ଥିତ ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ କହିବା ଅନୁସାରେ ବନ୍ୟା ପାଣି ପଶିବାରୁ ସେମାନେ ଘର ଛାଡି ଆଶ୍ରୟସ୍ଥଳକୁ ଚାଲିଯାଇଥିଲେ। ଘରେ ଯାହା ଖାଇବା ସାମଗ୍ରୀ, ଲୁଗା କପଡା ଥିଲା ତାହା ପାଣିରେ ଭାସିଗଲା। ଏବେ ସେମାନେ ଘରକୁ ଫେରିଛନ୍ତି। ହେଲେ ସେମାନଙ୍କ ପାଖରେ ଖାଇବା ପାଇଁ କିଛି ନାହିଁ । ପ୍ରଶାସନ ପକ୍ଷରୁ ଖାଇବା ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯାଉନାହିଁ। କିଛି ଦିନ ଭାତ, ଡାଲମା ଦିଆଯାଇଥିଲା। ହେଲେ ତାହା ଖାଇବା ଉପଯୋଗୀ ନ ଥିଲା । ଅନ୍ୟପଟେ ଘରେ ଗାଈ, ଗୋରୁଙ୍କ ପାଇଁ ସରକାର ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ହେଲେ ଏ ପର୍ଯ୍ୟନ୍ତ କେହି ଗୋରୁଗାଈଙ୍କ ଲାଗି ଖାଦ୍ୟ ଯୋଗାଇ ଦେଇନାହାନ୍ତି। କିଛି ସ୍ୱେଚ୍ଛାସେବୀ ଶୁଖା ଖାଦ୍ୟ ଯୋଗାଇ ଦେବାରୁ ପରିବାରକୁ ଖାଇବାକୁ ମିଳିଛି ବୋଲି ବନ୍ୟା ପ୍ରଭାବିତ ଲୋକେ କହିଛନ୍ତି। ସେହିପରି ଆଉ କିଛି ଲୋକ କହିଛନ୍ତି, ଘରଦ୍ୱାର, ରାସ୍ତାଘାଟ ସବୁ ବର୍ଷାରେ ଧୋଇଗଲା। ଆଜି ପର୍ଯ୍ୟନ୍ତ ପ୍ରଶାସନିକ ଅଧିକାରୀ କ୍ଷୟକ୍ଷତି ଆକଳନ କରିନାହାନ୍ତି। ୫ବର୍ଷ ତଳେ ହୋଇଥିବା କ୍ଷୟକ୍ଷତିର ଟଙ୍କା ପାଇଥିଲେ। ସେଥିରୁ ଘର ମରାମତି ହୋଇଥିଲା । ଏବେ ସରକାରୀ ସହାୟତା ଦେଲେ ଘର ମରାମତି କରନ୍ତେ। ପଡାର ରାସ୍ତା ଘାଟ ଗୁଡିକ ମଧ୍ୟ ମରାମତି କରାଯାଉ ବୋଲି ସେମାନେ ଦାବି କରିଛନ୍ତି ।



ସମ୍ବଲପୁର ମନ୍ଦଲିଆ ଅଞ୍ଚଳର ବନ୍ୟା ପ୍ରଭାବିତ ପରିବାର ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲାରେ ଅଗଷ୍ଟ ୨୭ଠାରୁ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଏହାସହ ହୀରାକୁଦ ଡ୍ୟାମରୁ ୪୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ଏଥିଯୋଗୁ ସମ୍ବଲପୁର ମହାନଗର ନିଗମ ଅଧୀନ ତଳି ଅଞ୍ଚଳର ମନ୍ଦଲିଆ,ଚାରଭାଟି, ବିନାଖଣ୍ଡି, ଦୁର୍ଗାପାଲି, ଲିମସରିଏନ, ଚନ୍ଦନନଗର, ଧନୁପାଲି ଡୁରିପଡା ଓ ମହାନଦୀ ତଟରେ ଥିବା ଗ୍ରାମ ଗୁଡିକ ପ୍ରଭାବିତ ହୋଇଥିଲା। ୧୫ଟି ଆଶ୍ରୟସ୍ଥଳ ଖୋଲି ୨୪ଶହ ଲୋକଙ୍କୁ ଆଶ୍ରୟ ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ପ୍ରାଥମିକ କ୍ଷୟକ୍ଷତି ଆକଳନ କରାଯାଇଛି। ମହାନଗର ନିଗମ ଓ ବ୍ଲକ ଗୁଡିକରେ ୨୪ଶହ ଘର ଭାଙ୍ଗିଥିବା ରିପୋର୍ଟ ମିଳିଛି। ଏ ସମ୍ପର୍କରେ ଜିଲାପାଳ ଶୁଭମ୍ ସକ୍‌ସେନା କହିଛନ୍ତି ଯେ, ଜିଲାର ସମସ୍ତ ତହସିଲଦାର ଓ ମହାନଗର ନିଗମରେ କ୍ଷୟକ୍ଷତି ଆକଳନ କରାଯାଉଛି । ପ୍ରାଥମିକ ରିପୋର୍ଟ ଓ ଚୂଡାନ୍ତ ରିପୋର୍ଟକୁ ଆକଳନ କରାଯିବ ଓ ସମସ୍ତଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ ବୋଲି କହିଥିଲେ।

# ମହିଳା କର୍ମଚାରୀଙ୍କୁ ଅସଦାଚରଣ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି

**ରାଉରକେଲା ଅଫିସ୍, ୩।୯**

ଲିବର୍ଟି ଷ୍ଟିଲ୍ କମ୍ପାନୀରେ ଆଦିବାସୀ ମହିଳା କର୍ମଚାରୀଙ୍କ ପ୍ରତି ହୋଇଥିବା ଅସଦାଚରଣ ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଦାବି କରିଛନ୍ତି। ଏ ନେଇ ଗୁରୁବାର ରାଉରକେଲା ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତିର୍କୀ କହିଛନ୍ତି, ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁଯାୟୀ ସୁନ୍ଦରଗଡ ଜିଲାର କୁଆଁରମୁଣ୍ଡା ସ୍ଥିତ ଲିବର୍ଟି ଷ୍ଟିଲ୍ କମ୍ପାନୀରେ କାର୍ଯ୍ୟରତ ଜଣେ ଆଦିବାସୀ ମହିଳାଙ୍କୁ କାରଖାନାର ଜଣେ ଅଧିକାରୀ ବାରମ୍ବାର ଅସଦାଚରଣ କରିଆସୁଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ଅସଦାଚରଣରେ ଅତିଷ୍ଠ ହୋଇ ଉକ୍ତ ମହିଳା ଅଭିଯୋଗ କରିବା ପରେ ଘଟଣାକୁ ଚପାଇ ଦେବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଇସ୍ତଫା ଦେଇ ଚାଲିଯିବାକୁ କୁହାଯିବା ସହ ପୀଡିତାଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତିର ଲୋଭ ଦେଖାଇ ଚୁପ୍ କରାଯାଇଥିବା ତିର୍କୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କମ୍ପାନୀ କର୍ତ୍ତୃପକ୍ଷ ଥାନାରେ ଏତଲା ନ ଦେଇ ସମ୍ପୃକ୍ତ ଅଧିକାରୀଙ୍କୁ ଇସ୍ତଫା ଦେବା ସହ କେଉଁ ସ୍ୱାର୍ଥ ପାଇଁ ମହିଳାଙ୍କ ସମ୍ମାନ ଓ ସୁରକ୍ଷାକୁ ବଳି ଦେଇ ମାମଲାର ରଫାଦଫା କରାଇଲେ ବୋଲି ତିର୍କୀ ପ୍ରଶ୍ନ କରିଛନ୍ତି। ଏହି ପରିସ୍ଥିତିରେ କେବଳ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ହେଲେ ସମୁଦାୟ ଘଟଣାର ପର୍ଦ୍ଦାଫାସ ହେବା ସହିତ ପୀଡିତାଙ୍କୁ ନ୍ୟାୟ ମିଳିପାରିବ ବୋଲି ତିର୍କୀ ପ୍ରକାଶ କରି ତୁରନ୍ତ ରାଜ୍ୟ ପୋଲିସ୍ ନିର୍ଦ୍ଦେଶକ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି । ଖବରଦାତା ସମ୍ମିଳନୀ ପରେ ତିର୍କୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପଶ୍ଚିମାଞ୍ଚଳ ଡିଆଇଜି ସୁଶ୍ରୀ କବିତା ଜଲାନଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏହାସହିତ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିରେନ ସେନାପତି, ପ୍ରଶାନ୍ତ ସେଠୀ, ଯୋଶେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ, ପ୍ରଭାତୀ ମିଶ୍ର, କୈଳାସ ସାହୁ, ନିହାର ଦାସ ଓ ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଏସ୍‌ଡ଼ିସିସି ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ମନୋନୀତ

ବରଗଡ଼ ଅଫିସ୍,୩।୯ : ସମ୍ବଲପୁର ଜିଲା କେନ୍ଦ୍ର ସମବାୟ (ଏସଡ଼ିସିସି) ବ୍ୟାଙ୍କ କର୍ମଚାରୀ ସଂଘ ସଭାପତି ପଦବୀ ଖାଲି ପଡ଼ିଛି। ସଂଘର ସଭାପତି ପୂର୍ବରୁ ଇସ୍ତଫା ଦେଇଥିବା ଯୋଗୁ ଏହି ପଦବୀ ଖାଲି ପଡ଼ିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ଗୁରୁବାର ସଂଘର ବୋର୍ଡ଼ ବୈଠକରେ କୋଭିଡ୍-୧୯ କଟକଣା ସରିବା ପର୍ଯ୍ୟନ୍ତ ଉପସଭାପତି କାମିନୀ ମୋହନ ପୁରୋହିତ ସଂଘର ସଭାପତି କାର୍ଯ୍ୟ ତୁଲାଇବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ସେହିପରି ସଂଘର ସୁପରିଚାଳନା ପାଇଁ ବିଭିନ୍ନ ପ୍ରସ୍ତାବ ନିଆଯାଇଥିଲା।

### ବରଗଡ଼ରେ ୨୩୮ କରୋନା ପଜିଟିଭ

ବରଗଡ଼ ଅଫିସ୍,୩।୯: ବରଗଡ଼ ଜିଲାରେ ଗୁରୁବାର ୨୩୮ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୬୩୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୯ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୩୫୫ଜଣ ସୁସ୍ଥ ହୋଇଛନ୍ତି । ଅନ୍ୟ ୧୨୭୦ ଜଣ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସପିଟାଲ ଏବଂ ହୋମ ଆଇସୋଲେଶନରେ ଚିକିତ୍ସାଧୀନ ରହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି ।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଲହୁଣୀପଡା, ୩।୯ (ଡି.ଏନ.ଏ): ଘରେ ଶୋଇଥିବା ବେଳେ ବିଷଧର ସାପ କାମୁଡି ଦେବାରୁ ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଚୋରଧରା ଗ୍ରାମର ଶାନ୍ତିଏଲ ମୁଣ୍ଡା (୧୯)ଙ୍କ ମୃତ୍ୟୁ ହୋଇଛି। ଖବର ପାଇ କେବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବୁଧବାର ରାତିତୋଙ୍କ ଡାହାଣ ହାତକୁ କାମୁଡି ଦେଇଥିଲା। ଶାନ୍ତିଏଲ ପାଟି କରିବାରୁ ପରିବାର ଲୋକେ ଉଠି ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ବଣାଇ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ଶାନ୍ତିଏଲଙ୍କୁ ମୃତ ଘୋଷଣା କରିଥିଲେ ।

### ଜିଲା ଯୋଗାଣ ଅଫିସ ଶଟ୍‌ଡାଉନ

ବରଗଡ଼ ଅଫିସ୍,୩।୯ : ବରଗଡ଼ ଜିଲା ଯୋଗାଣ କାର୍ଯ୍ୟାଳୟକୁ ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ୩ଦିନ ଶଟଡାଉନ୍ ଘୋଷଣା କରାଯାଇଛି। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଲା ଯୋଗାଣ କାର୍ଯ୍ୟାଳୟର ପ୍ରକାଶିତ ବିଜ୍ଞପ୍ତି ନଂ.୬୩୦୩ ତା:୦୩।୦୯।୨୦୨୦ରେ ଏହି ସୂଚନା ଦିଆଯାଇଛି ।

### ୩ କୋଭିଡ୍ ଯୋଦ୍ଧାଙ୍କ ସମେତ ୧୧ ସଂକ୍ରମିତ

ଦେବଗଡ଼,୩।୯(ଡି.ଏନ୍.ଏ.): ଦେବଗଡ ଜିଲାରେ ଗୁରୁବାର ୧୧ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୫ ଜଣ ଦେବଗଡ ପୌରାଞ୍ଚଳର, ୩ ଜଣ ଲଇମୁରାର ଏବଂ ଅନ୍ୟ ୩ ଜଣ କରୋନା ଯୋଦ୍ଧା ବୋଲି ଜଣାପଡିଛି। ୩ ଜଣ କରୋନା ଯୋଦ୍ଧାଙ୍କ ମଧ୍ୟରେ ଦେବଗଡ କୋଭିଡ ହସପିଟାଲରେ କାର୍ଯ୍ୟରତ ୨ଜଣ ଷ୍ଟାଫ ନର୍ସ ଓ ସେଠାରେ ନିୟୋଜିତ ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ରହିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହି ସଂଖ୍ୟାକୁ ମିଶାଇ ଦେବଗଡ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୧୯ରେ ପହଞ୍ଚିଛି ।

### ଭାଜପା ପକ୍ଷରୁ ଇ-ପିଟିଶନ ଦାଖଲ

ଦେବଗଡ଼,୩।୯(ଡି.ଏନ୍.ଏ.): ଦେବଗଡ ଜିଲା ଭାଜପା ପକ୍ଷରୁ ପୁରୀସ୍ଥିତ ବଗଲା ଧର୍ମଶାଳା ମଠ ପ୍ରସଙ୍ଗ ନେଇ ଗୁରୁବାର ଏକ ଇ-ପିଟିସନ ଦାଖଲ କରାଯାଇଥିବା ଜଣାଯାଇଛି । ଦେବଗଡ ଜିଲା ଭାଜପା ସଂଗଠନର ମହେଶ୍ୱର ପାଣି, ସତ୍ୟ ନାରାୟଣ ପାଣି, ରମଣୀ ଆଚାର୍ଯ୍ୟ , ସନ୍ତୋଷ କୁମାର ଭୁତିଆ, ସୁଧୀର କୁମାର ବ୍ରହ୍ମା, ଦୟାଶଙ୍କର ଦ୍ୱିବେଦୀ, ଚନ୍ଦ୍ରଶେଖର ମହାପାତ୍ର, ସୁଧୀର ପ୍ରଧାନ, ରମଣୀକାନ୍ତ ଦାଶ ଓ ଚଗଲା ପୃଷ୍ଟିଙ୍କ ସମେତ ଦଳର ବହୁ ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟ ପୁରୁଣାଗଡସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ପରେ ବଗଲା ଧର୍ମଶାଳା ମଠ ବିବାଦ ନେଇ ଇ-ପିଟିସନ ଦାଖଲ କରିଥିଲେ ।

## ଭୀମ ଭୋଇ କଲେଜ ପ୍ରତିଷ୍ଠା ଦିବସ

**ରେଢାଖୋଲ ୩।୯(ଡି.ଏନ.ଏ)**

ରେଢାଖୋଲ ସ୍ଥିତ ଭିମ ଭୋଇ କଲେଜର ୫୧ତମ ପ୍ରତିଷ୍ଠା ଦିବସ ଗୁରୁବାର ନିରାଡମ୍ବର ଭାବେ କଲେଜ ପରିସରରେ ପାଳିତ ହୋଇଛି। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ସାମାଜିକ ଦୂରତ୍ୱ ପାଳନ କରି ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତିରେ କେବଳ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କ ଉପସ୍ଥିତିରେ ପାଳିତ ହୋଇଥିଲା। କଲେଜର ଅଧ୍ୟାପକ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କଲେଜ ପରିସରରେ ଥିବା ସନ୍ଥକବି ଭିମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷଙ୍କ ସହ ଅଧ୍ୟାପକ ମନୋରଞ୍ଜନ ମହନ୍ତ, ସୁନୀଲ କୁମାର ସେନ, ଦିଲୀପ କୁମାର ଦାସ, ଦୁଃଶାସନ ବିଶ୍ୱାଳ, ଅରୁଣ କୁମାର ଶାସନୀ, ଅଧ୍ୟାପିକା ସୁପ୍ରିୟା ମଲ୍ଲିକ ପ୍ରମୁଖ ଭିମ ଭୋଇଙ୍କ ସାହିତ୍ୟ ଓ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିଧାନସଭା ବିଭାଗୀୟ ଗୃହ କମିଟି ବୈଠକ

**ବଲାଙ୍ଗୀର ଅଫିସ, ୩।୯**

ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟର ଭିଡିଓ କନ୍‌ଫରେନ୍ସ ହଲ୍‌ରେ ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାନସଭା ଗୃହକମିଟିର ବିଭାଗୀୟ ସବ୍‌କମିଟି-୬ର ବୈଠକକୁ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କ ସ୍ମୃତିରେ ଦିନକ ପାଇଁ ସ୍ଥଗିତ କରାଯାଇଛି। ହସ୍ତତନ୍ତ, ବୟନ, ସମବାୟ ଏବଂ ଖାଉଟି କଲ୍ୟାଣ ବିଭାଗକୁ ନେଇ ଗଠିତ ଏହି ସବ୍ କମିଟି ବୈଠକ ଦିନ ୧୧ଟାରେ ଆରମ୍ଭ ହୋଇଥିଲା । ତେବେ ଅଧ୍ୟକ୍ଷ ମିଶ୍ର ଶୋକବାର୍ତ୍ତା ଦେବା ପର ସମସ୍ତ ସଭ୍ୟ ଏବଂ ବିଭାଗୀୟ ଅଧିକାରୀ ନିରବ ପ୍ରାର୍ଥନା କରିଥିଲେ । ଏହାପରେ ଅଧ୍ୟକ୍ଷ ମିଶ୍ର ବୈଠକକୁ ଦିନକ ପାଇଁ ସ୍ଥଗିତ ଘୋଷଣା କରିଥିଲେ । ଶୁକ୍ରବାର ପୂର୍ବାହ୍ନ ଏହି ବୈଠକ ପୁଣି ଆରମ୍ଭ ହେବ।

## ଫଟୋରେ ଖବର...



ସମ୍ବଲପୁର ଯୁଯୁମୁରା ଦେବଝରଣ ଜଳପ୍ରପାତରେ ଜଣେ ବ୍ୟକ୍ତି ବନିଶୀରେ ମାଛ ମାରୁଛନ୍ତି।

## ଗ୍ରାମବାସୀଙ୍କ ଆକ୍ରମଣରେ ମଦଭାଟି କର୍ମଚାରୀ ଆହତ

**ଲଖନପୁର,୩।୯(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ ବଲିଆମୁଣ୍ଡା ଗ୍ରାମକୁ ଗୁରୁବାର ବେଲପାହାଡ ଅବକାରୀ ବିଭାଗ ଓ ତେଲେନପାଲି ମଦଭାଟି କର୍ମଚାରୀମାନେ ମିଳିତ ଭାବେ ୩ଟି ଗାଡିରେ ଚଢାଉ ପାଇଁ ଯାଇଥିଲେ। ଏହି ସମୟରେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଫଳରେ ଉଭୟ ମୁହାଁମୁହିଁ ହୋଇଥିଲେ। ଏଥିରେ ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମଦଭାଟି କର୍ମଚାରୀ ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ତେଲେନପାଲି ମଦଭାଟି କର୍ମଚାରୀ ଗଣେଶ ସିଂହ(୫୪)। ତାଙ୍କୁ ଇବ୍‌ଥର୍ମାଲ ହସ୍‌ପିଟାଲରେ ଚିକିତ୍ସା କରାଯାଇଛି । ଏ ନେଇ ବନହରପାଲି ଥାନାରେ ଉଭୟ ପକ୍ଷରୁ ୨ଟି ଅଭିଯୋଗ ହୋଇଛି। ଆଇଆଇସି ପ୍ରଶାନ୍ତ ମେହେର ତଦନ୍ତ ପାଇଁ କେତେକ ଗ୍ରାମବାସୀଙ୍କୁ ଥାନାକୁ ଆଣିଛନ୍ତି । ଏ ସମ୍ପର୍କରେ ବେଲପାହାଡ ଅବକାରୀ ବିଭାଗ ଇନ୍‌ସ୍ପେକ୍ଟର ମୁହଁ ଖୋଲୁନାହାନ୍ତି। ଏ ନେଇ ଝାରସୁଗୁଡା ଅବକାରୀ ଏସ୍‌ପି ନାରାୟଣ ମେହେର କହିଛନ୍ତି, ତାଙ୍କୁ ଘଟଣା ବାବଦରେ ବିଭାଗୀୟ ଅଧିକାରୀମାନେ କେହି ଜଣାଇନାହାନ୍ତି । ଏ ନେଇ ପ୍ରଥମେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରୁ ଖବର ପାଇଛି । ଏ ସମ୍ପର୍କରେ କଣ ହୋଇଛି ପଚାରି ବୁଝୁଛି ବୋଲି ସେ କହିଛନ୍ତି । ଅବକାରୀ ବିଭାଗ ଯେଉଁ ସ୍ଥାନକୁ ମଦ ଚଢାଉ କରିବା ପାଇଁ ଯାଉଛି ସାଙ୍ଗରେ ମଦଭାଟି କର୍ମଚାରୀଙ୍କୁ ସାଙ୍ଗରେ ନେଉଛି। ସେହିସବୁ ସ୍ଥାନରେ ଅବକାରୀ ବିଭାଗ ସମ୍ମୁଖରେ ମଦଭାଟି କର୍ମଚାରୀମାନେ ଅଧିକ ପ୍ରଭାବଶାଳୀ ଦେଖାଉଛନ୍ତି। ଫଳରେ ଘଟଣାସ୍ଥଳରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ଏ ଦିଗରେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଦାବି ହେଉଛି ।



ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଛି ।

## ୟୁରିଆ ସାର କଳାବଜାର, ଭାଜପା ଦେଲା ଦାବିପତ୍ର

**ବିନିକା,୩।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ତହସିଲ ଅଞ୍ଚଳରେ ୟୁରିଆ ସାରର କଳାବଜାର ବଢି ଚାଲିଛି । ୟୁରିଆ ସାର ଧାନ ଚାଷ ପାଇଁ ନିତାନ୍ତ ଆବଶ୍ୟକ। ମାତ୍ର ପରିତାପର ବିଷୟ ଏହି ସାରର କଳାବଜାର ଯୋଗୁ ସ୍ଥାନୀୟ ଅଞ୍ଚଳର ଚାଷୀ ଉଚିତ୍ ମୂଲ୍ୟରେ ସାର ନ ପାଇ ହନ୍ତସନ୍ତ ହେଉଛନ୍ତି । ସରକାର ୟୁରିଆ ସାରର ମୂଲ୍ୟ ୨୮୫ଟଙ୍କା ୪୪ ପଇସା ଧାର୍ଯ୍ୟ କରିଥିବା ବେଳେ ବେପାରୀମାନେ ଅଧିକ ଦରରେ ସାର ବିକ୍ରୟ କରୁଛନ୍ତି । ଏହି ଅଭିଯୋଗ ନେଇ ଏସ୍.ରାମପୁର ଭାଜପା କର୍ମୀଙ୍କ ପକ୍ଷରୁ ମଙ୍ଗଳବାର ଏସ ରାମପୁର ତହସିଲଦାରଙ୍କ ଜରିଆରେ ଥାନା ଅଧିକାରୀ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସାରର କଳାବଜାର ରୋକିବା, ୟୁରିଆ ସାର ଗଚ୍ଛିତ ଥିବା ଗୋଦାମ ଉପରେ ଚଢାଉ କରାଯିବା, କଳାବଜାର କରୁଥିବା ବେପାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଦାବି ପୂରଣ ନ ହେଲେ ଦଳ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ ହେବ ବୋଲି ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ ଚେତାବନୀ ଦେଇଛନ୍ତି। ଅଶୋକ ପୂଜାରୀଙ୍କ ନେତୃତ୍ୱରେ ଏସ୍.ରାମପୁର ଭାଜପା ସଭାପତି ବୈଶାଖୁ ମିର୍ଦ୍ଧା, ଶିବରାଜ ବେହେରା, ସୁରେନ୍ଦ୍ର ମାଝି ,ଦିଲୀପ କୁମାର ପୁରୋହିତ, ଶ୍ୟାମ ସୁନ୍ଦର ମାଝି, ଯୁବରାଜ ବିଶ୍ୱାଳ, ନୀଳାମ୍ବର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

## ସ୍ୱାମୀ ହତ୍ୟାକାରୀ ସ୍ତ୍ରୀ, ପ୍ରେମିକ ଗିରଫ

**ନୂଆପଡା ଅଫିସ,୩।୯**

ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୋଲିସ ବାସନ୍ତୀ ମିର୍ଦ୍ଧା ଓ ତାଙ୍କ ପ୍ରେମିକ ଛତିଶଗଡ ମହାସମୁଦ ଥାନା ତପକବାରହା ଗାଁର ଧନସିଂ ପାଣ୍ଡେ(୪୫)ଙ୍କୁ ଗିରଫ କରି ଗୁରୁବାର ନୂଆପଡା କୋର୍ଟ ଚାଲାଣ କରିଛି । ଏ ନେଇ ଏକ ମାମଲା (ନଂ. ୫୨/୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ନୂଆପଡା ଜିଲା କୋମନା ଥାନା ମାନିଗୁଡା ଗାଁର କାର୍ତ୍ତିକ ମିର୍ଦ୍ଧା(୨୫) ଛତିଶଗଡ ମହାସମୁଦ ଥାନା ଭୁରକୁନି ଗାଁର ବାସନ୍ତୀଙ୍କୁ ବିବାହ କରି ଶ୍ୱଶୁର ଘରେ ରହୁଥିଲେ । ସେଠାରେ ସମୟକ୍ରମେ ବାସନ୍ତୀଙ୍କର ଧନସିଂଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ତେବେ ସବୁଦିନ ପାଇଁ କାର୍ତ୍ତିକଙ୍କୁ ରାସ୍ତାରୁ ହଟାଇ ଦେବାକୁ ଧନ ସିଂ ଯୋଜନା କରିଥିଲେ । ତଦନୁଯାୟୀ ଗତ ମାସ ୨୧ତାରିଖ ଦିନ ସେ କାର୍ତ୍ତିକଙ୍କୁ ବେଲଟୁକୁରୀ ଅଞ୍ଚଳକୁ ମଦ ପିଇବାକୁ କହି ଡାକି ନେଇଥିଲେ । ତେବେ ବାଟରେ ଏକ ଠେଙ୍ଗା ସାହାଯ୍ୟରେ ନିଘୁଞ୍ଚ ମାରିଥିଲେ । ଶେଷରେ ପେଟ୍ରୋଲରେ ପୋଡି ମାରିବାକୁ ଉଦ୍ୟମ କରିଥିଲେ । ଅର୍ଦ୍ଧଦଗ୍ଧ ମୃତଦେହ ବେଲଟୁକୁରୀ-ଗୁଡାପତରା ରାସ୍ତାରେ ପଡି ରହିଥିଲା। ଦୁଇଦିନ ପରେ ବେଲଟୁକୁରୀ ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଛାନଭିନ ଆରମ୍ଭ କରିଥିଲା । ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଟିମ୍ ଗଠନ ହୋଇଥିଲା । ଶେଷରେ ତଦନ୍ତକାରୀ ଟିମ୍ ହତ୍ୟାକାରୀ ଧନସିଂ ଏବଂ ବାସନ୍ତୀଙ୍କୁ କାବୁ କରିଥିଲା । ଅଭିଯୁକ୍ତଙ୍କ ଠାରୁ ହତ୍ୟାରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି।

## ଡାକ୍ତର ନିଯୁକ୍ତି ନ ହେଲେ ଆନ୍ଦୋଳନ

**ବରଗଡ଼ ଅଫିସ୍,୩।୯**

ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ ଓ ହସ୍‌ପିଟାଲ ବଞ୍ଚାଅ ଅଭିଯାନ ପକ୍ଷରୁ ସ୍ଥାନୀୟ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଆବାହକ ଭବାନୀ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରୁଣା ଏବଂ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଉଭୟ ଡାକ୍ତରଖାନାରେ ତୁରନ୍ତ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଅବସ୍ଥାପିତ କରିବାକୁ ବୈଠକରେ ଦାବି କରାଯାଇଥିଲା। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକ ପୂର୍ବରୁ ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପବିତ୍ର ଦେହେରୀ, ଶିବାନନ୍ଦ ମଟାରୀ, ରମେଶ ମହାପାତ୍ର, ବାସମତୀ ବନଛୋର, ପ୍ରଦୀପ ଧାନୁକା, ଦେବିକା ଶିକା ପ୍ରମୁଖ ଉପସ୍ଥିତ ଥିଲେ ।

## ଆପ୍‌ର ଅଭିନବ ସ୍ୱାସ୍ଥ୍ୟସେବା

**ବରଗଡ଼ ଅଫିସ୍,୩।୯**

ବରଗଡ଼ ଜିଲାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆମ ଆଦମୀ ପାର୍ଟି ବରଗଡ଼ ଶାଖା ଅଭିନବ ପ୍ରୟାସ ଆରମ୍ଭ କରିଛି । ଏହିକ୍ରମରେ ଗୁରୁବାରଠାରୁ ଆପ୍ କାର୍ଯ୍ୟକର୍ତ୍ତାମାନେ ହାତରେ ଅକ୍ସିମିଟର ଧରି ବୁଲି ବୁଲି ଜନସାଧାରଣଙ୍କ ଅକ୍ସିଜେନ୍ ପରୀକ୍ଷା କରିଛନ୍ତି । ଏହା ସହିତ କରୋନା ପ୍ରତିହତ ତଥା ଏହି ମହାମାରୀର ମୁକାବିଲା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି । ସେହିପରି କୌଣସି ଲୋକଙ୍କୁ ଲଗାତର ଜ୍ୱର, କାଶ ହେଲେ ଖବର ମିଳିଲେ ଆପ୍ କାର୍ଯ୍ୟକର୍ତ୍ତାମାନେ ସେମାନଙ୍କୁ ହସ୍‌ପିଟାଲ ପହଞ୍ଚାଇ ଚିକିତ୍ସା ବ୍ୟବସ୍ଥା କରିବେ ବୋଲି ସୂଚନା ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଆପ୍‌ର ଜିଲା ସଂଯୋଜକ ଭବାନୀ ସାହୁ, ଅମିତାଭ ପାତ୍ର, ଅସିତ୍ ସାହୁ, ବାସମତୀ ବନଛୋର, ମେରିୟମ ବାର୍ଲା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବିନା ଟେଣ୍ଡରରେ ଚାଲିଛି କୋଟି କୋଟି ଟଙ୍କାର କାମ

**ନୂଆପଡ଼ା ଜିଲା**

**ନୂଆପଡା ଅଫିସ,୩।୯**

ନୂଆପଡା ଅଞ୍ଚଳର ଚାଷୀଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ଏନଏଏଫସିସି ଯୋଜନାରେ କୁକୁଡା ଏବଂ ଛେଳି ଚାଷକୁ ପ୍ରୋତ୍ସାହିତ କରିବାକୁ ପ୍ରାଣୀ ଚିକିତ୍ସା ବିଭାଗରୁ ଚାଷୀଙ୍କୁ କୁକୁଡା, ଛେଳି ଛୁଆ ସହ ଲୁହା ନିର୍ମିତ ଘର ଯୋଗାଇ ଦିଆଯାଇଛି। ହେଲେ ଏହି କାମରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଜନୈକ ବ୍ୟକ୍ତିଙ୍କୁ ବିନା ଟେଣ୍ଡରରେ ଲକ୍ଷାଧିକ ଟଙ୍କାର ଠିକାକାମ ଦିଆଯାଇଛି। ଜିଲାର ୫ଟି ବ୍ଲକରେ ମୋବାଇଲ ଭ୍ୟାନ ସେବା ସକାଶେ ୫ଟି ଗାଡି ବିନା ଟେଣ୍ଡରରେ ବରାଦ କରାଯାଇଥିବା ବେଳେ ତରବୋଡସ୍ଥିତ ଫାର୍ମରେ ୧କୋଟି ୫୦ଲକ୍ଷ ଟଙ୍କାର କାମ ବିନା ଟେଣ୍ଡରରେ ହେଉଥିବା ଅଭିଯୋଗ ହୋଇଛି। ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନଡିସିପି)ରେ ଅନ୍ୟୂନ ୨ଲକ୍ଷ ଗୋରୁଙ୍କୁ ଆଧାର ସଂଯୋଗୀକରଣ ସହ ଭ୍ୟାକସିନ ଦିଆଯାଇଛି । ଏଥିରେ ନିୟୋଜିତ କର୍ମଚାରୀଙ୍କୁ ଗୋରୁ ପିଛା ୫ଟଙ୍କା ୫୦ପଇସା କରି ପ୍ରୋତ୍ସାହନ ରାଶି ଦିଆଯିବାର ନିୟମ ରହିଛି । ସେହିପରି ଜାତୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମରେ ମଧ୍ୟ କର୍ମଚାରୀମାନଙ୍କୁ ଗୋରୁ ପିଛା ୫୦ଟଙ୍କା ଦିଆଯିବା କଥା। ହେଲେ କାମ କରିବାର ୪/୫ ମାସ ପରେ ମଧ୍ୟ ପେମେଣ୍ଟ ଦିଆଯାଉ ନ ଥିବା କେତେକ କର୍ମଚାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ବାବଦକୁ ବାର୍ଷିକ କୋଟି କୋଟି ଟଙ୍କା ଆସୁଛି । ତାକୁ କୌଣସି ଜାତୀୟକରଣ ବ୍ୟାଙ୍କ ଗୁଡିକରେ ଜମା କରିବା କଥା । ହେଲେ ସେହି ଟଙ୍କା କେତେକ ବେସରକାରୀ ବ୍ୟାଙ୍କରେ ଜମା କରାଯାଇଛି। ଏ ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ତ୍ରିଲୋଚନ ଧଳଙ୍କୁ ପଚାରିବାରୁ ସେ କହିଲେ, ଟେଣ୍ଡର କଲେ ବିଳମ୍ବ ହେଉଛି । ଏଥିପାଇଁ କେବଳ ନୋଟିସ୍ ଜରିଆରେ ଜଣାଇ ଦିଆଯାଉଛି। ସେହିପରି ସେ ଯେ କୌଣସି ବ୍ୟାଙ୍କରେ ଟଙ୍କା ରଖିପାରିବେ ଏବଂ ଏହି ବାବଦକୁ ବେଶୀ ସୁଧ ସରକାରୀ ତହବିଲକୁ ଆସୁଛି ବୋଲି କହିଛନ୍ତି। ବିଭାଗରେ କାମ କରିଥିବା କର୍ମଚାରୀମାନେ ଅବସର ନେବାର ବହୁ ଦିନ ଅତିକ୍ରାନ୍ତ ପରେ ମଧ୍ୟ ଅବସରକାଳୀନ ଭତ୍ତା ଆଦି ପାଇପାରୁନାହାନ୍ତି। ଏହାକୁ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ରଖିଦେଉଥିବା କୁହାଯାଇଛି । ଏହା ଉପରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଧଳଙ୍କୁ ପଚାରିବାରୁ କେତେକ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅଭିଯୋଗ କରିଥିବା କହିଛନ୍ତି। ତେବେ ଏହା ଉପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ଦାବି ହେଉଛି ।

